# Akashvani, Sambalpur

## SAMBALPURI NEWS BULLETIN

### 4 January 2026 – 6.47- 6.52 am.

*********************************************

ଧାନ୍ ଘିନା I&PR

ରାଏଜେ ଏଛେନ୍‌ତକ୍ ୧୮ ଟା ଜିଲ୍ଲା ନ ଧାନ୍ ଘିନା ଜାରି ରହିଛେ । ଏବ୍‌ତକ୍ ୨ ଲାଖ୍ ୭୧ ହଜାର୍ ୩ ଶହ ୧୮ ଝନ୍ ଚାଷୀ ମଣ୍ଡି ନ ଧାନ୍ ବିକି ସାରିଛନ୍ ବଲି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେମାନ୍‌କର୍ ଭିତ୍‌ରୁ ୧ ଲାଖ୍ ୮୫ ହଜାର୍ ୮ ଶହ ୨୦ ଝନ୍ ଚାଷୀଙ୍କର୍ ଏକାଉଂଟ୍‌କେ ବିକ୍ରି ଟଙ୍କା ଦିଆଯାଇଛେ । ଧାନ୍ ବିକ୍‌ବାର୍ ୪୮ ଘଂଟା ଭିତ୍‌ରେ ଚାଷୀମାନ୍‌କର୍ ଏକାଉଂଟ୍‌କେ ଟଙ୍କା ଯିବାର୍ ବ୍ୟବସ୍ଥା କରାଯାଇଛେ । ଏବ୍‌ତକ୍ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦ୍‌କେ ୨ ହଜାର୍ ୨ ଶହ ୪୭ କୋଟି ୫୨ ଲାଖ୍ ଟଙ୍କା ଆଉ ଇନ୍‌ପୁଟ୍ ସହାୟତା ରାଶି ଭାବେ ୬ ଶହ ୯୩ କୋଟି ୫୧ ଲାଖ୍ ଟଙ୍କା ଦିଆଯାଇଛେ । ଚାଷୀମାନ୍‌କୁ ସେମାନ୍‌କର୍ ଦେୟ ଦେବାର୍ ଲାଗି ଆଧାର୍ ସଂଯୁକ୍ତ ଦେୟ ବ୍ୟବସ୍ଥା ଗ୍ରହଣ୍ କରାଯାଇଛେ ।

ବିବେକାନନ୍ଦ ଜୟନ୍ତୀ/ ଯୁବ ଦିବସ I&PR

ବନ୍ଦେ ମାତରମ୍‌ର ଶହେ ୫୦ ବଛର୍ ପୂର୍ତିଥି ରାଜ୍ୟର୍ ସବୁ ଶିକ୍ଷାନୁଷ୍ଠାନ୍ ନ ଆଏବା ୧୨ ତାରିଖ୍ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ଆଉ ଜାତୀୟ ଯୁବ ଦିବସ୍ ପାଲନ୍ ଅବ୍‌ସରେ ଛାତ୍ରଛାତ୍ରୀମାନେ ସାମୂହିକ୍ ଭାବେ ବନ୍ଦେ ମାତରମ୍ ଗାଏବେ । ଇତାର୍‌ସହେତେ ସବୁ ଶିକ୍ଷାନୁଷ୍ଠାନ୍ ମାନ୍‌କେ ଆତ୍ମନିର୍ଭର୍ ଭାରତ୍ ସ୍ୱଦେଶୀ ସଂକଳ୍ପ ପାଠ କରାଯିବା । ସବୁ ଶିକ୍ଷାନୁଷ୍ଠାନ୍ ନ ଆତ୍ମନିର୍ଭର୍ ଭାରତ୍ ଆମ୍ବାସାଡ଼ର୍ ଭାବେ ୫ନେ ବିଦ୍ୟାର୍ଥୀଙ୍କୁ ବଛାଯିବା । ଇଥିର୍‌ଲାଗି ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାପାଲ୍ ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଗଲାକାଏଲ୍ ଉତ୍କଳ ବିଶ୍ୱବିଦ୍ୟାଳୟ ନ ଭୁବ୍‌ନେଶ୍ୱର୍ ମଣ୍ଡଳସ୍ତରୀୟ ବନ୍ଦେ ମାତରମ୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଦେଶାତ୍ମବୋଧ ଚିନ୍ତନ୍‌ଥି ବନ୍ଦେମାତରମ୍‌ର ଭୂମିକା ବାବ୍‌ଦେ ଜୋର୍ ଦେଇଥିଲେ ।

ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

କଂସ ବଧ ସହେତେ ଗଲା ୧୧ ଦିନ୍ ଧରିକରି ଚାଲିଥିବା ପୁର୍‌ଥିର୍ ସବୁନୁ ବଡ଼ ମୁକ୍ତାକାଶ୍ ରଙ୍ଗମଂଚ ଧନୁଯାତ୍ରା ଗଲାକାଏଲ୍ ଶେଷ୍ ହେଇଛେ । ଧନୁଯାତ୍ରାର୍ ଶେଷ୍ ଦିନେ କଂସ ବଧ ଆଉ ଉଗ୍ରସେନ୍‌ଙ୍କର୍

ରାଜ୍ୟଭିଷେକ୍ ଅଭିନିତ ହେଇଥିଲା । ୧୧ ଦିନ୍ ଧରିକରି ମହାରାଜ୍ କଂସଙ୍କର୍ ରାଜୁତି ଚାଲିଥିବାର୍ ବେଲେ ଗୋପପୁର ନ କୃଷ୍ଣଙ୍କର୍ ଭିନ୍ ଭିନ୍ ବାଲ୍ୟଲୀଳା ଦେଖ୍ବାର୍କେ ମିଲିଥିଲା । ଗଲାକାଏଲ୍ କଂସ ବଧ ସହେତେ ଅସତ୍ ଉପ୍ରେ ସତ୍ର ଆଉ ଅନ୍ୟାୟ ଉପ୍ରେ ନ୍ୟାୟର୍ ବିଜୟର୍ ବାର୍ତା ଦେଇକରି ଇ ବଛ୍ରର୍ ଧନୁଯାତ୍ରା ମହୋତ୍ସବ୍ ଉଦ୍ଯାପିତ୍ ହେଇଯାଇଛେ । ଇ ଅବ୍ସରେ ବର୍ଗଡ୍ ସହର୍ ନ ଲାଖ୍ ଲାଖ୍ ଦର୍ଶକଙ୍କୁ ଭିଡ୍ ଜମିଥିଲା ।

ନୂଆଁ ଏନ୍ଏସିଥି            ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ୨୮ ଟା ନୂଆଁ ଏନ୍ଏସି ଲାଗି ଚୂଡ଼ାନ୍ତ ବିଜ୍ଞପ୍ତି ବାହାରିଛେ । ଇ ସବୁ ଏନ୍ଏସିଥି ନୂଆଁ ଅଫିସ୍ ବିଲ୍ଡିଂ ତିଆର୍ ହେବା ଆଉ ଇଥିର୍ଲାଗି ୬ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚ୍ନା ଦେଇଛନ୍ । ରାଏଜେ ସହରାଂଚଲ୍କେ ବଢ଼ାବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍ଥି ନୂଆଁ ଏନ୍ଏସି ଆଉ ପୌରାଂଚଲ୍ର ବିକାଶ୍କେ ପ୍ରାଥମିକତା ଦିଆଯିବା । ଇସବୁ ଏନ୍ଏସି ନ ଷ୍ଟ୍ରିଟ୍ ଲାଇଟ୍, ଡ୍ରେନ୍ ଆଉ ପରିମଳ ବାଗିର୍ କ୍ଷେତ୍ରମାନ୍କର୍ ବିକାଶ୍ ଲାଗି ଫି' ଏନ୍ଏସିକେ ଦେଢ଼୍କୋଟି

ଟଙ୍କା ଦିଆଯିବା । ଖୋବ୍ ଜଲ୍ଦି ଇଥିର୍ଲାଗି କାର୍ଯ୍ୟନିର୍ବାହୀ ଅଧିକାରୀମାନ୍କୁ ନିଯୁକ୍ତି ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ସମ୍ବଲପୁର ଲୋକ ମହୋତ୍ସବ ସମ୍ବଲପୁର ସମ୍ବାଦଦାତା

ସମ୍ବଲପୁର ବିର୍ସାମୁଣ୍ଡା ପଡ଼ିଆ ନ ଆଏଜ୍ଠାନୁ ସମ୍ବଲପୁର ଲୋକ ମହୋତ୍ସବ ୨୦୨୬ ମୁଲ୍ ହେଉଛେ । ଆଏଜ୍ଠାନୁ ୬ ତାରିଖ୍ତକ୍ ଲୋକ୍ମହୋତ୍ସବ୍ ହେବାର୍କେ ଥିବାର୍ ବେଲେ ୭ ଆଉ ୮ ତାରିଖ୍ ଯୁବ ମହୋତ୍ସବ୍ ହେବା । ଇତାର୍ ସହେତେ ଆଏଜ୍ଠାନୁ ୧୧ ତାରିଖ୍ତକ୍ ପଲ୍ଲିଶ୍ରୀ ମେଳା ଆଉ ଆତ୍ମନିର୍ଭର୍ ଭାରତ୍ ସ୍ୱଦେଶୀ ମେଳା ଭିଲ୍ ଆୟୋଜନ୍ କରାଯିବା । ମହୋତ୍ସବ୍ଥି ରାଜ୍ୟ ଆଉ ରାଜ୍ୟ ବାହାରୁ ଭିନ୍ ଭିନ୍ ସାଂସ୍କୃତିକ୍ ଦଲ୍ ମାନେ ସାମିଲ୍ ହେବେ । ଆଏଜ୍ ସଖାଲର୍ ୯ ବଜେ ସମ୍ବଲପୁରର୍ ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ମନ୍ଦିର ନୁ ଗୁଟେ ସାଂସ୍କୃତିକ୍ ଶୋଭାଯାତ୍ରା ବାହାରିକରି ଗଙ୍ଗାଧର ମଣ୍ଡପତକ୍ ଯିବା । ଉପର୍ବେଲା ୪ ବଜେ ଆନୁଷ୍ଠାନିକ୍ ଭାବେ ମହୋତ୍ସବ୍ ଉଦ୍ଘାଟିତ୍ ହେବା ବଲି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ କହିଛନ୍...

(ଭଏସ୍ ଓଭର୍- ଜିଲ୍ଲାପାଲ୍)

ଓଜୋନ୍ ଉତ୍ସବ୍      ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ପୋଷଣ୍ ଅଭିଯାନ୍ ଅଧୀନ୍‌ଥି ଜାନୁଆରୀ ୧ ନୁ ୨୫ ତାରିଖ୍‌ତକ୍ ୨ ନମ୍ବର୍ ଖେପ୍ ଓଜୋନ୍ ଉତ୍ସବ୍‌ର ଆୟୋଜନ୍ କରାଯାଉଛେ । ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ଭିନ୍ ଭିନ୍ ବିଭାଗ୍‌ର ସହଯୋଗ୍‌ଥି ଇତାର୍ ଆୟୋଜନ୍ କରାଯାଇଛେ । ପାଖେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କେ ୬ ବଛର୍‌ନୁ କମ୍ ବୟସର୍ ଛୁଆମାନ୍‌କର୍ ଓଜନ୍ ଆଉ ଉଚ୍ଚତା ମାପ୍ କରାବାର୍‌କେ ଲୁକ୍‌କୁ ବିଭାଗ୍ ତର୍ଫୁ ଅନୁରୋଧ୍ କରାଯାଇଛେ ।

କୃଷି ଯନ୍ତ୍ରପାତି ମେଳା      କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ଗଲାକାଏଲ୍ ଭବାନୀପାଟ୍‌ନା କୃଷି ମହାବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୫ ଉଦ୍‌ଘାଟିତ୍ ହେଇଯାଇଛେ । କଳାହାଣ୍ଡି ଜିଲ୍ଲାପାଲ୍ ପାଓ୍ୱାର୍ ସଚିନ୍ ପ୍ରକାଶ୍ ମେଳାକେ ଉଦ୍‌ଘାଟନ୍ କରିଛନ୍ । ଆଏବା ୭ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ମେଳାଥି ୬୦ ଟା ଷ୍ଟଲ୍ ଖୁଲାଯାଇଛେ ।

ହକି ଇଣ୍ଡିଆ ଲିଗ୍ ମେଚ୍ ଆର୍ଏନ୍ୟୁ/ସମ୍ବଲପୁର୍

ହକି ଇଣ୍ଡିଆ ତରଫ୍ରୁ ଗଲାକାଏଲ୍ ନୁ ପୁରୁଷ ଆଉ ମହିଲା ବର୍ଗ ହକି ଇଣ୍ଡିଆ ଲିଗ୍ର ୭ନମ୍ବର ସଂସ୍କରଣର୍ ଉଦ୍ଘାଟନୀ ମେଚ୍ର ପୁରୁଷ ବର୍ଗଥି ତାମିଲ୍ନାଡୁ ଡ୍ରାଗନ୍ସ ୪-୨ ସୁଟ୍ଆଉଟ୍ଥି ହାଇଦ୍ରାବାଦ୍ ତୋଫାନ୍ସକେ ହରେଇଛେ । ସେନ୍ତା ରାଂଚିଠାନେ ଖେଲାଯାଇଥିବା ମହିଲା ବର୍ଗଥି ଦିଲ୍ଲୀ ଏସ୍.ଜି. ପାଇପର୍ସ ୩-୧ ଗୋଲ୍ଥି ସୁର୍ମା ହକି ପାଇପର୍ସକେ ହରେଇଥିଲା ।